**କୃଷି ସୂଚନା ସେବା (ଧାନ)**

**ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ**

## ୨୦୧୬ ମସିହା ଅଗଷ୍ଟ ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା :

**ବୁଣାଧାନ:**

- ❖ ବର୍ଷାଶ୍ରୀତ ସ୍ୱଳ୍ପଖାଲୁଆ ସିଧା ଛଟାବୁଣା ଯାଇଥିବା ଜମିରେ ଯଦି କୌଣସି ଘାସମରା ଔଷଧ ପ୍ରୟୋଗ କରାଯାଇନାହିଁ ତେବେ ବୁଣା ଧାନରେ ବେଉଷଣ କରନ୍ତୁ ଏବଂ ୨,୪ D ସୋଡିୟମ୍ ଲୁଣ ୮୦WP@ ୦.୫ କି.ଗ୍ରା./ଏକର ହିସାବରେ ଧାଡି ବୁଣା ସ୍ଥାନରେ ପ୍ରୟୋଗ କରି ଚଉଡା ପତ୍ର ବାଲୁଙ୍ଗା ଓ ଅନାବନା ଘାସକୁ ଦମନ କରନ୍ତୁ । ଯବକ୍ଷାରଜାନ ସାରର ଏକତୃତୀୟାଂଶ( ୧୪ କି.ଗ୍ରା. ୟୁରିଆ/ଏକର) ପିଲସାର ହିସାବରେ ପ୍ରୟୋଗ କରନ୍ତୁ । ଯେଉଁ ଜମିରେ ଫସଫରସ କିମ୍ବା ପଟାସ୍ ପଡିନାହିଁ ସେଥିରେ ଏକର ପ୍ରତି ୮ କି.ଗ୍ରା.ଫସଫରସ୍ ମୂଳସାର ଭାବେ ପ୍ରୟୋଗ କରନ୍ତୁ ।
- ❖ ବର୍ଷାଶ୍ରୀତ ଉଚ୍ଚାଜମିରେ (୨-୩ ପତ୍ରବିଶିଷ୍ଟ ଘାସ) ଘାସ ଦମନ ପାଇଁ ବିହନ ବୁଣିବାର ୮ ରୁ ୧୦ ଦିନ ପରେ ବିସିପିରିବାକ୍ ସୋଡିୟମ୍ (Bisipyribac sodium) ୧୦ SC @ ୧୨୦ ମି.ଲି./ଏକର ୧୪୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଦ୍ୱିତୀୟଥର ଏବଂ ଶେଷଥର ଘାସ ବାଛିବା ପରେ ଏକ ତୃତୀୟାଂଶ ଯବକ୍ଷାରଜାନ( ୧୨ କି.ଗ୍ରା ୟୁରିଆ/ଏକର) ପିଲସାର ଭାବେ ପ୍ରୟୋଗ କରନ୍ତୁ ।

**ରୁଆ ଧାନ:**

- ❖ ଉକୁଣିଆ ପୋକ ଦମନ ପାଇଁ ୧୦ ଲିଟର ପାଣିରେ ୩ ମି.ଲି. ହିସାବରେ ଥାୟୋମିଥୋକ୍ସାମ୍ ୨୫ WG ବ୍ୟବହାର କରନ୍ତୁ ।
- ❖ ଏହି ମାସର ପ୍ରଥମ ପକ୍ଷରେ ତଳିରୁଆ କାମ ସଂପୂର୍ଣ୍ଣ ହେବା ଦରକାର । ଏକ ତୃତୀୟାଂଶ ଯବକ୍ଷାରଜାନ ସାର( ୧୪ କି.ଗ୍ରା. ୟୁରିଆ/ଏକର) ଏବଂ ସଂପୂର୍ଣ୍ଣ ଫସଫରସ୍ ଓ ପଟାସ୍( ୪୪ କି.ଗ୍ରା. ଡି.ଏ.ପି ଓ ୩୪ କି.ଗ୍ରା. ଏମ୍. ଓ .ପି) ମୂଳସାର ଭାବେ ପ୍ରୟୋଗ କରନ୍ତୁ । ସାର ପ୍ରୟୋଗ କରିବା ବେଳେ ଜମିରେ ପତଳା ଠିଆ ପାଣି ରହିବା ଆବଶ୍ୟକ ।
- ❖ ଧାନ ଗଛକୁ ପୋକ ଦାଉରୁ ରକ୍ଷା କରିବା ପାଇଁ ୨୫-୩୦ ଦିନର ତଳିକୁ ଉପାଡି ସାରିବା ପରେ କ୍ଲୋରୋପାଇରିଫସ୍ ୨୦ EC ଦ୍ରବଣରେ ( ୧ ମି.ଲି./ଲିଟର ପାଣି) ବୁଡାଇ ରଖନ୍ତୁ ।

❖ ପ୍ରତି ବୁଦାରେ ୨-୩ ଟି ହିସାବରେ ତଳି ୨୦X୧୫ ସେ.ମି. ବ୍ୟବଧାନରେ ରୋଇଦିଅନ୍ତୁ । ରୋଇବାର ୧୦ ଦିନ ପର୍ଯ୍ୟନ୍ତ ୧-୨ ସେ.ମି. ଠିଆ ପାଣି ବିଲରେ ରଖନ୍ତୁ । ଅଧିକ ଦିନର ତଳି ଥିଲେ ୪-୫ ଟି ତଳି ବୁଦାପ୍ରତି ରୁଅନ୍ତୁ ।

❖ ଜମି ଓଦାଳିଆ ଥିଲେ କିମ୍ବା ୨-୩ ସେମି. ଠିଆ ପାଣିଥିବା ବର୍ଷାଶ୍ରୀତ ରୁଆଧାନରେ ଧାନ ରୋଇବାର ୮ ରୁ ୧୦ ଦିନ ପରେ ବାଲୁଙ୍ଗା ଦମନ ପାଇଁ ବେନସଲଫ୍ୟୁରାନ୍ ମିଥାଇଲ+ ପ୍ରେଟିଲାକ୍ଲୋର(Ready-mix) ଦାନାଦାର (ଲୋଣ୍ଡାକ୍ସ ପାୱାର/Erase strong @ ୪ କି.ଗ୍ରା/ଏକର ୧୨ କି.ଗ୍ରା. ବାଲି ସହିତ ମିଶାଇ ବ୍ୟବହାର କରନ୍ତୁ ।

❖ ଜଳସେଚିତ ଧାନ ରୁଆର ୧୫ ଦିନ ପରେ ଜମିରେ ୩-୪ ପତ୍ରବିଶିଷ୍ଟ ଘାସ ଦମନ ପାଇଁ ଆଜିମ୍ ସଲଫ୍ୟୁରାନ୍ ୫୦ DF @ ୨୮ .ଗ୍ରା/ଏକର ୧୪୦ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ । ଘାସମରା ଔଷଧ ଭଲଭାବେ କାମ କରିବା ପାଇଁ ସେଥିରେ ୨୫୦ ମି.ଲି./ଏକର ହିସାବରେ ସରଫେକ୍ଟାଣ୍ଟ୍ (surfectant) ମିଶାଇ ବ୍ୟବହାର କରନ୍ତୁ ।

❖ କାଣ୍ଡବିନ୍ଧା ପୋକର ନିରୀକ୍ଷଣ ପାଇଁ ରୁଆଧାନରେ ପ୍ରତି ଏକର ପିଛା ୪ଟି ହିସାବରେ ଯୌନ ସମ୍ବେଦନଶୀଳ ଯନ୍ତା ରଖନ୍ତୁ । ଯେତେବେଳେ ପୁରୁଷ ପ୍ରଜାପତିର ସଂଖ୍ୟା ଯନ୍ତାପ୍ରତି ୪ ରୁ ୫ଟି ହୋଇଯିବ, ରାଇନାକ୍ସିପାର ୦.୪ ଜି ୪ କି.ଗ୍ରା. ଏକର ପିଛା ବାଲି ସହ ସମାନ ପରିମାଣରେ ମିଶାଇ ପ୍ରୟୋଗ କରନ୍ତୁ ।

******